# ବତକ ପାଳନ

## ଗ୍ରାମୀଣ ମହିଳା ମାନଙ୍କ ଆର୍ଥିକ ବିକାଶର ଏକ ନିଶ୍ଚିତ ପନ୍ଥା

ସୁନିଲ ଚନ୍ଦ୍ର ଗିରି*, ଲିପି ଦାସ, ସୁମନ୍ତ କୁମାର ମିଶ୍ର ଏବଂ ରାଜୀବ କୁମାର ବେହେରା



ଆଜିକାଲି ମହିଳାମାନଙ୍କୁ ରୋଜଗାର କ୍ଷମ କରାଇ ସ୍ୱାବଲମ୍ବନଶୀଳ କରାଇବା ପାଇଁ ସରକାରୀ ଏବଂ ବେସରକାରୀ ସଂସ୍ଥାମାନେ ବିଭିନ୍ନ ଉଦ୍ୟମ କରିଆସୁଅଛନ୍ତି। ମାତ୍ର ଘରେ ରହୁଥିବା ଗୃହିଣୀ ବିଶେଷ କରି ଗାଁରେ ରହୁଥିବା ଗୃହିଣୀ ମାନେ ସେମାନଙ୍କର କିଛିଟା ରୋଜଗାର କରିବାର ପନ୍ଥା ସ୍ଥିର କରିବା ସବୁଠାରୁ ବଡ ସମସ୍ୟା ଅଟେ। ଘରକାମ ସାଙ୍ଗକୁ ପିଲାମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କର ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ଦେବା ଭିତରେ ଅଳ୍ପ-ବହୁତ ରୋଜଗାର କରିବା ପାଇଁ ସମୟ ବାହାର କରିବା ନିଶ୍ଚିତ ଭାବେ ଏକ ବଡ କଥା ହୋଇପାରେ। ମାତ୍ର ଅତି କମ୍ ଖର୍ଚ୍ଚରେ ୨୫-୩୦ ଗୋଟି ବତକ ପାଳନ କରିବା ପାଇଁ ସମୟ ବାହାର କରିବା ସେମିତି କିଛି ବଡ କଥା ନୁହେଁ। ବରଂ ରୋଜଗାର ସାଙ୍ଗକୁ ଅଣ୍ଡା ଓ ମାଂସ ଯୋଗାଇ ପରିବାରକୁ ସୁଷମ ପୋଷଣ ଯୋଗାଇପାରିବା ଏକ ବଡ ଆହ୍ୱାନ ବୋଲି ବିଚାର କରାଯାଇଥାଏ।

### ବତକ ପାଳନର ଉପକାରିତା

- ଏହା ଜଳ ଏବଂ ସ୍ଥଳ, ଉଭୟ ସ୍ଥାନରୁ ଖାଦ୍ୟ ସଂଗ୍ରହ କରିପାରେ।
- ବତକମାନେ ଅଧିକ ଅଣ୍ଡା ଦେଇ ପାରନ୍ତି (୨୦୦-୩୨୦ ଟି ପର୍ଯ୍ୟନ୍ତ)।
- ଏମାନଙ୍କଠାରେ ବହୁତ କମ୍ ରୋଗ ପରିଲକ୍ଷିତ ହୁଏ।
- ଧାନ ଏବଂ ମାଛ ଚାଷ ସହିତ ସମନ୍ୱିତ କୃଷିରେ ବତକ ସକ୍ରିୟ ଅଂଶ ଗ୍ରହଣ କରିଥାଏ।
- ବାଡି ବଗିଚାରେ ହେଉଥିବା ପନିପରିବା ଚାଷର କ୍ଷତି କରନ୍ତି ନାହିଁ।
- ସ୍ତ୍ରୀଲୋକ ମାନଙ୍କ ପାଇଁ ବତକପାଳନ ଏକ ସହଜ ଓ ଲାଭଜନକ ପନ୍ଥା ଭାବେ ବିବେଚନା କରାଯାଏ।

### ବତକ ପାଳନରେ ଆୟ-ବ୍ୟୟ ର ହିସାବ

୩୦ ଗୋଟି ବତକ ଛୁଆକୁ ନେଇ ଆରମ୍ଭ କରିଥିବା ଏକ ୟୁନିଟ୍‌ର ଆୟ-ବ୍ୟୟର ହିସାବ ତଳେ ଦିଆଗଲା-

| | | | |
|---|---|---|---|
| **ଖର୍ଚ୍ଚ :** | ବତକ ଛୁଆର ଦାମ୍ (୩୦ ଗୋଟି, ୨୬/- ହିସାବରେ) | : | ଟ. ୭୮୦.୦୦ |
| | ଗୋଟିଏ ଦାନା ଓ ଗୋଟିଏ ପାଣି ପାତ୍ରର ଦାମ | : | ଟ. ୨୭୦.୦୦ |
| | ପ୍ରାରମ୍ଭିକ ଦାନା ( ୮ କି.ଗ୍ରା. ୩୨/- ହିସାବରେ) | : | ଟ. ୨୫୬.୦୦ |
| | ଔଷଧ ଓ ଟୀକା (ଟ.୧୦/- ବତକ ପିଛା) | : | ଟ. ୩୦୦.୦୦ |
| | **ମୋଟ ଖର୍ଚ୍ଚ** | | **ଟ. ୧୬୦୬.୦୦** |
| **ଆୟ:** | (୧୦ ପ୍ରତିଶତ ମୃତ୍ୟୁହାର ଏବଂ ମାଈ-ଅଣ୍ଡିରା ଅଧା-ଅଧା) | | |
| | ୧୩ ଗୋଟି ଅଣ୍ଡିରା ବତକର ଦାମ (ଟ. ୪୦୦/- ପ୍ରତି) | : | ଟ.୫୨୦୦.୦୦ |
| | ଅଣ୍ଡା (୨୫୦ ଗୋଟି ଅଣ୍ଡା/ମାଈ ବତକ: ଟ୫/- ପ୍ରତି ଅଣ୍ଡା) (୧୪ ଗୋଟି) | : | ଟ.୧୭,୫୦୦.୦୦ |
| | ମାଈ ବତକ (୧୦ଗୋଟି; ଶେଷରେ ବିକ୍ରି ଯୋଗ୍ୟ ଟ. ୨୦୦/- ହିସାବରେ) | : | ଟ.୨,୦୦୦.୦୦ |
| | **ମୋଟ ଆୟ** | | **ଟ. ୨୪,୭୦୦.୦୦** |

**ଲାଭ = ଆୟ - ବ୍ୟୟ = ଟ. ୨୪,୭୦୦ - ଟ. ୧,୬୦୬ = ଟ. ୨୩,୦୯୪.୦୦**

### ଶେଷ କଥା



ବତକ ପାଳନର ଲାଭକ୍ଷତିକୁ ବିଚାର କଲେ ଦେଖାଯାଏ ଯେ ଏହା ଗାଁରେ ରହୁଥିବା ସ୍ତ୍ରୀଲୋକଙ୍କ ପାଇଁ ଏକ ନିଶ୍ଚିତ କର୍ମଯୋଗାଣ ପନ୍ଥା ଏବଂ ପରିବାରକୁ ପୁଷ୍ଟିକର ପୋଷଣ ଯୋଗାଇବାର ଏକ ଅଭିନବ ଉପାୟ ମଧ୍ୟ।

(* ପ୍ରଧାନ ବୈଜ୍ଞାନିକ, ଆଞ୍ଚଳିକ କେନ୍ଦ୍ର, କେନ୍ଦ୍ରୀୟ ପକ୍ଷୀ ଗବେଷଣା ଅନୁଷ୍ଠାନ, ଭୁବନେଶ୍ୱର)

## ବତକ ପାଳନ

Farmer FIRST
Enriching Knowledge - Integrating Technology

ମାକୃଅନୁପ ICAR

ଏନ୍.ଆର୍.ଆର୍.ଆଇ. ଫାର୍ମର ଫାର୍ଷ୍ଟ କାର୍ଯ୍ୟକ୍ରମ (ଇଏପି-୨୨୮)
ବୈଷୟିକ ଇସ୍ତାହାର-୯, ମାର୍ଚ୍ଚ - ୨୦୧୮

© ସମସ୍ତ ସତ୍ତ୍ୱ ସଂରକ୍ଷିତ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬, ଓଡ଼ିଶା
(ଆଇ.ଏସ୍.ଓ ୯୦୦୧:୨୦୦୮ ପ୍ରମାଣିତ ଅନୁଷ୍ଠାନ)
ଦୂରଭାଷ : +୯୧-୬୭୧-୨୩୬୭୭୫୭; PABX : +୯୧-୬୭୧-୨୩୬୭୭୬୮-୭୮୩;
Fax: +୯୧-୬୭୧-୨୩୬୭୬୬୩; ଇମେଲ୍: director.nrri@icar.gov.in | directorcrricuttack@gmail.com

ଚିତ୍ରୋତ୍ତଳନ : ଭଗବାନ ବେହେରା ଓ ପ୍ରକାଶ କର
ଓଡ଼ିଆ ମୁଦ୍ରାଲେଖକ : ସୁଜାତା ମହାନ୍ତି
ପ୍ରକାଶକ : ନିର୍ଦ୍ଦେଶକ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬, ଓଡ଼ିଶା

## ବତକ ପାଳନ କରିବାର ପଦ୍ଧତି

**ବତକ ଘର :** ୨୫-୩୦ ଗୋଟି ବତକ ପାଳନ କରିବାର ଲକ୍ଷ୍ୟ ଥିଲେ, ବତକ ପିଛା ୩ ବର୍ଗ ଫୁଟ ହିସାବରେ ଜାଗାଟିଏ ନେଇ ଅଳ୍ପ ଖର୍ଚ୍ଚରେ ଘରଟିଏ କରିବା ଆବଶ୍ୟକ । ଘରର ଉଚ୍ଚତା ୫-୬ ଫୁଟ କରାଯାଇପାରେ, ନଡା ଛପର ତଥା ମାଟି-ବାଉଁଶରେ ଘର ତିଆରି କଲେ ଅଳ୍ପ ଖର୍ଚ୍ଚରେ ହୋଇପାରିବ । ବତକ ଘରର ଚଟାଣରେ ୩-୪ ଇଞ୍ଚ ବହଳ ଶୁଖିଲା ବାଲି ବିଛାଇ ଦେଲେ ଏହା ବିଶେଷ ଭାବେ ଶୁଖିଲା ଏବଂ ପରିଷ୍କାର ରହେ । ଘରରେ ଦୁଇଟି ତାର ଜାଲି ଦିଆ ଝରକା ରହିଲେ, ଖୋଲା ପବନ ଚଳପ୍ରଚଳ କରିଥାଏ । ସାପ, ବିଲେଇ, ବିଲୁଆ ଆଦି ଜନ୍ତୁମାନଙ୍କ ଉପଦ୍ରବରୁ ବତକ ଘର ମୁକ୍ତ ରହିବା ଅନିବାର୍ଯ୍ୟ ଅଟେ ।

## ବତକମାନଙ୍କ ପ୍ରଜାତି

ଅଣ୍ଡା ଦିଆ ବତକ ଦୁଇପ୍ରକାର ଅଟେ ଯଥା : (୧)ଖାକି କ୍ୟାମ୍ପବେଲ ଏବଂ (୨) ଦେଶୀ-କୁଜି ବତକ । ଏମାନେ କମ୍ ଓଜନିଆ (୧.୫- ୨ କି.ଗ୍ରା.) ଭିତରେ ବଢ଼ନ୍ତି, ୨୫୦-୩୦୦ ଗୋଟି ଅଣ୍ଡା ଦେବାର କ୍ଷମତା ରଖିଥାନ୍ତି ଏବଂ ପ୍ରାୟ ପାଞ୍ଚମାସ ବୟସ ସୁଦ୍ଧା ଅଣ୍ଡା ଦେବା ଆରମ୍ଭ କରନ୍ତି । ମାଂସ ପାଇଁ ଥିବା ବତକ ମଧ୍ୟ ଦୁଇପ୍ରକାର ଅଟେ ଯଥା-(୧) ଧଳା ପେକିନ୍ ଏବଂ (୨) ମୋତି ବତକ । ଧଳା ପେକିନ୍ ପ୍ରଜାତିର ବତକ ମାନେ ବେଶୀ ଖାଦ୍ୟ ଖାଆନ୍ତି ଏବଂ ବହୁତ ଶୀଘ୍ର ବଢ଼ନ୍ତି । ଏପରିକି ୬ ସପ୍ତାହ ବେଳକୁ ୨.୫ କି.ଗ୍ରା.ରୁ ଅଧିକ ହୋଇଥାନ୍ତି । ଏମାନେ ଡେରିରେ ଅଣ୍ଡାଦିଅନ୍ତି ଏବଂ ବହୁତ କମ (୧୩୦-୧୪୦) ଗୋଟି ଅଣ୍ଡା ଦେଇଥାଆନ୍ତି । ଏକ ଛୋଟ ୟୁନିଟ୍‌ର ବତକ ପାଳନ ପାଇଁ ଅଣ୍ଡାଦିଆ ପ୍ରଜାତି ଅର୍ଥାତ୍ ଖାକି କ୍ୟାମ୍ପବେଲ କିମ୍ବା ଦେଶୀ-କୁଜି ବତକ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଥାଏ । ପୁଣି ୨୫-୩୦ ଗୋଟିରୁ ଅଧିକ ରଖିଲେ ଖାଦ୍ୟ ଏବଂ ଘର ତିଆରି କରିବାରେ ଅଧିକ ଖର୍ଚ୍ଚ କରିବାକୁ ପଡିଥାଏ ।

## ଛୁଆ ବତକ ଏବଂ ବ୍ରୁଡିଂ

ବତକ ପାଳନ ଆରମ୍ଭ କରିବାକୁ ହେଲେ ଛୁଆ ବତକରୁ ହିଁ ଆରମ୍ଭ କରିବା ଦରକାର । କାରଣ ଦିନିକିଆ ଛୁଆ ହ୍ୟାଚେରୀରୁ ବାହାରିଲା ପରେ ତାହାକୁ ୧୨-୧୫ ଘଣ୍ଟା ଭିତରେ ଯଥାସ୍ଥାନରେ ପହଞ୍ଚାଇ ଖାଦ୍ୟ ଓ ପାନୀୟ ଜଳର ବନ୍ଦୋବସ୍ତ କରିବା ଦରକାର । ଏମାନେ ପରିବେଶ ସହିତ ଭଲଭାବେ ମିଶି ପାରନ୍ତି ଏବଂ ବଡ ହୋଇଥାନ୍ତି । ମାତ୍ର ବଡ ବତକ ଆରମ୍ଭ କଲେ ସେମାନଙ୍କୁ ପରିବେଶ ତଥା ଖାଦ୍ୟ ସହିତ ଖାପଖୁଆଇବା ପାଇଁ ଅଧିକ ସମୟ ଲାଗିଥାଏ । ବେଳେ ବେଳେ ଅଚାନକ ସ୍ଥାନାନ୍ତର ଯୋଗୁ ମୃତ୍ୟୁହାର ମଧ୍ୟ ବଢ଼ିଥାଏ ।

ଛୋଟ ବତକ ଛୁଆମାନଙ୍କୁ ପ୍ରଥମେ ପାଣି ଏବଂ ତା'ପରେ ଦାନା ଖାଇବାକୁ ଦିଆଯାଏ । ଦାନାରେ ପାଣି ମିଶାଇ ଖାଇବା ପାଇଁ ଦେଲେ ତାହା ସେମାନଙ୍କୁ ଗିଳିବାରେ ସହାୟକ ହୋଇଥାଏ । ଏତଦ୍ ବ୍ୟତୀତ ଘର ଭିତରେ ଠିକ୍ ଉତ୍ତାପ ଯୋଗାଇବା ନିହାତି ଆବଶ୍ୟକ । ଉତ୍ତାପ କମ୍ ହୋଇଗଲେ ବତକ ଛୁଆମାନେ ଗୋଟିଏ ଜାଗାରେ ବିଶେଷ କରି ବିଦ୍ୟୁତ ବଲ୍‌ବ ତଳେ ରୁଣ୍ଡ ହୋଇଯାଆନ୍ତି ଏବଂ ପରବର୍ତ୍ତୀ ସମୟରେ ଛୋଟା ହୋଇଯାନ୍ତି । ପୁଣି ଉତ୍ତାପ ଅଧିକ ହେଲେ ସେମାନେ ଘରର ମଝିରେ ନରହି ଦୂରକୁ ଚାଲିଯାଆନ୍ତି । ସାଧାରଣତଃ ଗୋଟିଏ ୧୦୦ ୱାଟ୍ ବଲ୍‌ବ ତଳେ ୨୫-୩୦ଟି ବତକ ଛୁଆ ରହିବାରେ କିଛି ଅସୁବିଧା ହୁଏ ନାହିଁ । ଏହିଭଳି ଭାବରେ ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ବତକ ଛୁଆମାନଙ୍କୁ ଆବଶ୍ୟକ ପରିମାଣର ଉତ୍ତାପ ଏବଂ ଖାଦ୍ୟ-ପାନୀୟ ଦେଇ ବଢ଼ାଇବାକୁ ବ୍ରୁଡିଂ କୁହାଯାଏ । ଦଶଦିନ ପରେ ସେମାନଙ୍କୁ ଘର ଅଗଣାରେ ଛାଡିଲେ ସେମାନେ ବାହାରର ଖାଦ୍ୟ ଏବଂ ପରିବେଶ ସହିତ ଭଲଭାବେ ଖାପଖୁଆଇ ବଢ଼ିପାରନ୍ତି ।







## ଦାନା ଏବଂ ବଡ ବତକ ପରିଚାଳନା

ବ୍ରୁଡିଂ ପରେ ବତକ ଛୁଆମାନଙ୍କୁ ବାହାରକୁ ଚରାବୁଲା କରିବା ପାଇଁ ଛଡ଼ାଯାଏ । ଏହି ସମୟରେ ସେମାନଙ୍କୁ କିଣା ଖାଦ୍ୟ ନ ଦେଇ ଘରେ ବଳି ପଡୁଥିବା ଖାଦ୍ୟ, ପରିବା ଚୋପା, ମାଛ କାତି ଇତ୍ୟାଦିକୁ ଅଧା ସିଝାଇ ଖାଇବାକୁ ଦିଆଯିବା ଦରକାର । ଆବଶ୍ୟକ ହେଲେ ଅଳ୍ପ କିଛି ଚାଉଳ, ଗହମ ଏବଂ କୁଣ୍ଡା ମଧ୍ୟ ଅଧାସିଝା କରି ଦିନକୁ ଦୁଇ-ତିନି ଥର ଦେବା ଦରକାର । ଖାଦ୍ୟ ସାଙ୍ଗକୁ ପରିଷ୍କାର ପିଇବା ପାଣିର ଯଥେଷ୍ଟ ବନ୍ଦୋବସ୍ତ କରିବା ଆବଶ୍ୟକ । ବତକ ଛୁଆମାନେ ଏକମାସ ହୋଇଗଲେ ସେମାନଙ୍କୁ ବଡ ପାଣି ପାତ୍ରରେ ପାଣି ଦେବା ଦରକାର, ନଚେତ୍ ଅଗଣାରେ ଛୋଟ ପାଣିକୁଣ୍ଡ ବସାଇବା ଦରକାର । କାରଣ ଛୁଆ ବତକମାନେ ତା ଭିତରକୁ ପଶି ମୁଣ୍ଡ ବୁଡାଇଲେ ସେମାନଙ୍କର ଆଖି ପରିଷ୍କାର ହୁଏ ଏବଂ ପରବର୍ତ୍ତୀ ସମୟରେ ଅନ୍ଧ ହେବାର ସମ୍ଭାବନା କମିଯାଏ । ବତକମାନେ ଦେଢ଼ ମାସ ହୋଇଗଲା ପରେ ସେମାନଙ୍କୁ ପୋଖରୀକୁ ଛାଡିବାରେ କିଛି ଅସୁବିଧା ନଥାଏ । ପୋଖରୀକୁ ଯିବା ଆରମ୍ଭ କଲେ ସେଠାରେ ମିଳୁଥିବା ଖାଦ୍ୟ ଯଥା-ଗେଣ୍ଡା, ଶାମୁକା, ଦଳ ଇତ୍ୟାଦି ବତକ ପାଇଁ ଉତ୍କୃଷ୍ଟ ପୋଷଣ ଯୋଗାଇଥାଏ । ଏହାଦ୍ୱାରା ଅଳ୍ପ ଖାଦ୍ୟ ବାହାରୁ ଦେବାର ଆବଶ୍ୟକତା ରହେ ।

ବତକମାନେ ତିନିମାସ ହୋଇଗଲେ ମାଈ-ଅଣ୍ଡିରା ଚିହ୍ନିହୁଏ । ଏହି ସମୟରେ ଅଣ୍ଡିରା ବତକ ସବୁ ଅଲଗା କରି ବିକ୍ରି କରିଦେବା ଭଲ । କାରଣ ସଂଖ୍ୟା କମିଗଲେ ମାଈ ବତକ ମାନଙ୍କୁ ଅଧିକ ପୋଷଣ ମିଳିପାରିବ ଏବଂ ସେମାନଙ୍କର ଅଣ୍ଡାଦେବା ଶୀଘ୍ର ହୋଇଥାଏ । ଅନ୍ୟ ପକ୍ଷରେ ଅଣ୍ଡିରା ବତକମାନେ ଅପେକ୍ଷାକୃତ ଅଧିକ ବଢ଼ନ୍ତି ନାହିଁ । ଏହି ବୟସରେ (୩-୪ ମାସ) ସେଗୁଡିକୁ ଉଚିତ ମୂଲ୍ୟ (ଟ୪୦୦/- ପ୍ରତି) ବିକ୍ରି କରି ଚାଷୀ ବିଶେଷ ଲାଭବାନ ହୋଇଥାଏ । ଏଠାରେ ଜାଣି ରଖିବା ଦରକାର ଯେ ଅଣ୍ଡିରା ବତକର ବିନା ଉପସ୍ଥିତିରେ ମଧ୍ୟ ମାଈ ବତକମାନେ ସ୍ୱାଭାବିକ ଭାବେ ଅଣ୍ଡା ଦେଇପାରନ୍ତି ।

## ଅଣ୍ଡା ଦେବା ସମୟରେ ପରିଚାଳନା

ଖାକି କ୍ୟାମ୍ପବେଲ ଏବଂ ଦେଶୀ କୁଜି ଜାତୀୟ ବତକମାନେ ପାଞ୍ଚମାସ ବୟସ ପୂର୍ବରୁ ଅଣ୍ଡାଦେବା ଆରମ୍ଭ କରିଥାଆନ୍ତି । ତେଣୁ ଅଣ୍ଡାଦେବାର ୧୫ ଦିନ ପୂର୍ବରୁ ସେମାନଙ୍କର ପୋଷଣ ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଥାଏ । ଖାଦ୍ୟରେ କିଛି କ୍ୟାଲସିୟମ ମିଶାଇବାର ବନ୍ଦୋବସ୍ତ କରିବାର ଦରକାର । ଘର ଭିତରେ ବିଛାଯାଇଥିବା ବାଲିକୁ ବଦଳାଇ ଦେଲେ ବହୁତ ଭଲ । ଆବଶ୍ୟକ ସ୍ଥଳେ ସେହି ବାଲିରେ ସାମାନ୍ୟ କିଛି ଚୂନ ମଧ୍ୟ ମିଶାଯାଇପାରେ । ବତକ ମାନେ ସାଧାରଣତଃ ସୂର୍ଯ୍ୟୋଦୟ ପୂର୍ବରୁ ଅଣ୍ଡା ଦେଇ ଥାଆନ୍ତି । ତେଣୁ ଥରେ ଅଣ୍ଡା ଦେବା ଆରମ୍ଭ କଲେ ବତକମାନଙ୍କୁ ସକାଳେ ଡେରିରେ ବାହାରକୁ କାଢ଼ିବା ଉଚିତ । ଆବଶ୍ୟକ ସ୍ଥଳେ ସେହି ଘର ଭିତରେ ଓସାରିଆ ମୁହଁ ବିଶିଷ୍ଟ ୨-୩ ଟି ମାଟି ହାଣ୍ଡି ବସାଇବା ଦରକାର ଯେଉଁଥିରେ ବତକମାନେ ଅଣ୍ଡା ଦେବାକୁ ଭଲ ପାଇବେ । ବହୁତ ସମୟରେ ଦେଖାଯାଇଛି ଯେ କ୍ୟାଲସିୟମର ଅଭାବ ହେତୁ ବତକମାନେ ବହୁତ କମ୍ ଅଣ୍ଡା ଦିଅନ୍ତି ଅବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଅନ୍ତି । ତେଣୁ ନିୟମିତ କ୍ୟାଲସିୟମ ଦେବା ନିହାତି ଆବଶ୍ୟକ ।

## ରୋଗ ପରିଚାଳନା

ବତକମାନଙ୍କର ରୋଗପ୍ରତିରୋଧକ ଶକ୍ତି ଯଥେଷ୍ଟ ଅଧିକ । ଏମାନଙ୍କୁ କୁକୁଡାମାନଙ୍କ ପରି ଘୁମାରୋଗ ହୁଏନାହିଁ । ମାତ୍ର ଦୁଇଟି ରୋଗ ଯଥା:- ବତକ ପ୍ଲେଗ୍ ଏବଂ ବତକ କଲେରା ଠାରୁ ସେମାନଙ୍କୁ ସୁରକ୍ଷିତ ରଖିବା ନିହାତି ଆବଶ୍ୟକ । ଏହି ଦୁଇଟି ରୋଗ ପାଇଁ ୩-୩.୫ ମାସ ମଧ୍ୟରେ ଥରଟିଏ ଟୀକା କରଣ କରାଯାଏ, ଯାହା ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ ଉପରୋକ୍ତ ଦୁଇ ରୋଗରୁ ରକ୍ଷା କରିଥାଏ । ଏହା ବ୍ୟତୀତ ଆବଶ୍ୟକ ସ୍ଥଳେ ଆଣ୍ଟିବାୟୋଟିକ (Tetracycline powder), ଭିଟାମିନ୍ (Vimeral liquid) ଏବଂ ପ୍ରାଣୀ ଚିକିତ୍ସକମାନଙ୍କ ପରାମର୍ଶ କ୍ରମେ ଅନ୍ୟାନ୍ୟ ଔଷଧ ଦିଆଯାଇ ବତକମାନଙ୍କୁ ସୁସ୍ଥ ରଖାଯାଇପାରିବ ।

## "ଧାନ-ମାଛ-ବତକ" ସମନ୍ୱିତ କୃଷି

ଆଜିକାଲି ଏକ ହେକ୍ଟର ଜମିରେ ଧାନ ଚାଷ ସାଙ୍ଗକୁ ମାଛ ଏବଂ ବତକ ଏକା ସାଙ୍ଗରେ ରଖାଯାଇ ପାରୁଛି । ଏଥିପାଇଁ ଚାଷଜମି କେତେକାଂଶରେ ମାଛ ଏବଂ ବତକ ଚାଷ ଉପଯୋଗୀ କରିବା ପାଇଁ ରୂପାନ୍ତରିତ କରାଯାଇଥାଏ । ଧାନ ଚାଷରେ ରୋଗ-ପୋକ ନିୟନ୍ତ୍ରଣ ମଧ୍ୟ ଭିନ୍ନ ଉପାୟରେ କରାଯାଇଥାଏ । ମାତ୍ର ଏପରି ସମନ୍ୱିତ କୃଷି ଦ୍ୱାରା ଚାଷୀକୁ ଅଧିକରୁ ଅଧିକ ଲାଭ ମିଳିବା ସଙ୍ଗେ ସଙ୍ଗେ ମୃତ୍ତିକାର ଉର୍ବରତା ବଢ଼ିଥାଏ ।